# NATIONAL NEWS BULLETIN (ODIA)
## 30 July - 2024
## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ରୀୟ ବଜେଟ୍ ସମ୍ପର୍କିତ ବିକଶିତ ଭାରତ ଅଭିମୁଖେ ଯାତ୍ରା ଶୀର୍ଷକ ସମ୍ମିଳନୀର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଦିଲ୍ଲୀ କୋଚିଂ ସେଣ୍ଟରରେ ଆଇ.ଏ.ଏସ୍. ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ କମିଟି ଗଠନ କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ।
- ପ୍ୟାରିସ୍ ଅଲିମ୍ପିକ୍ସରେ ବନ୍ଧୁକ ଚାଳନା ଦଳଗତ ପର୍ଯ୍ୟାୟରେ ଦକ୍ଷିଣ କୋରିଆ ସହ ପ୍ରତିଦ୍ୱନ୍ଦ୍ୱିତା କରିବ ଭାରତ ।
- ସଂରକ୍ଷଣ ଆନ୍ଦୋଳନରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଆଜି ଦିନିକିଆ ରାଷ୍ଟ୍ରୀୟ ଶୋକ ପାଳନ କରୁଛି ବାଂଲାଦେଶ ।

ଏବଂ

- ଟି-୨୦ କ୍ରିକେଟ୍ ଶୃଙ୍ଖଳାରେ ଆଜି ଅନ୍ତିମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଭାରତ ଓ ଶ୍ରୀଲଙ୍କା ।

# ପିଏମ୍-ବଜେଟ୍ ସମ୍ମିଳନୀ

କେନ୍ଦ୍ର ବଜେଟ୍ ୨୦୨୪-୨୫ ପରେ ବିକଶିତ ଭାରତ ଅଭିମୁଖେ ଯାତ୍ରା ଶୀର୍ଷକ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେବେ।

କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି, ସିଆଇଆଇ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ଶିଳ୍ପର ଭୂମିକା ଏବଂ ଅଭିବୃଦ୍ଧି ପାଇଁ ସରକାରଙ୍କ ବ୍ୟାପକ ଆଭିମୁଖ୍ୟ ନିମନ୍ତେ ଏକ ଢାଞ୍ଚା ଉପସ୍ଥାପନ କରିବା ଏହାର ଉଦ୍ଦେଶ୍ୟ ।

ଏହି ସମ୍ମିଳନୀରେ ଶିଳ୍ପ, ସରକାରୀ, କୂଟନୈତିକ ସମୁଦାୟ ଏବଂ ଥିଙ୍କ ଟ୍ୟାଙ୍କରୁ ୧୦୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ ।

# ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ-କୋଚିଂ

ରାଜଧାନୀ ଦିଲ୍ଲୀର ପୁରୁଣା ରାଜେନ୍ଦ୍ର ନଗରରେ ଥିବା ଏକ କୋଚିଂ ସେଣ୍ଟରରେ ଆଇ.ଏ.ଏସ୍. ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି। ଏହି କମିଟି କାରଣ ଯାଞ୍ଚ, ଦାୟିତ୍ୱ ନିର୍ଦ୍ଧାରଣ, ପଦକ୍ଷେପ ଗ୍ରହଣ ଏବଂ ନୀତିରେ ପରିବର୍ତ୍ତନ ପାଇଁ ସୁପାରିସ କରିବ। ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ସାମାଜିକ ଗଣମାଧ୍ୟମ

ପୋଷ୍ଟରେ କୁହାଯାଇଛି ଯେ ଏହି କମିଟିରେ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ, ଦିଲ୍ଲୀ ସରକାରଙ୍କ ଗୃହ ବିଭାଗର ପ୍ରମୁଖ ସଚିବ, ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସିପି, ଅଗ୍ନିଶମ ପରାମର୍ଶଦାତା ଏବଂ ଅନ୍ୟମାନେ ରହିବେ। ଏହି କମିଟି ୩୦ ଦିନ ମଧ୍ୟରେ ରିପୋର୍ଟ ଦେବ।

## ଦିଲ୍ଲୀ ଏଲ୍‌ଜି-ଆର୍ଥିକ ସହାୟତା

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ସେଠାରେ ଏକ ଆଇ.ଏ.ଏସ୍. କୋଚିଂ ସେଣ୍ଟରରେ ପ୍ରାଣ ହରାଇଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଦିଲ୍ଲୀର ପୁରୁଣା ରାଜେନ୍ଦ୍ର ନଗରରେ ଥିବା ଏକ କୋଚିଂ ସେଣ୍ଟରର ତଳ ମହଲାରେ ପାଣି ପଶିଯିବାରୁ ୩ ଜଣ ଆଇଏଏସ୍ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଥିଲା ।

## କୋଚିଂ ବିଜେପି-ଆପ୍-କଂଗ୍ରେସ

ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ପାଣି ପସିବା ଘଟଣାକୁ ନେଇ ଦିଲ୍ଲୀ ବିଜେପି, ଆମ୍ ଆଦମୀ ପାର୍ଟି ମୁଖ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଉତ୍ତର-ପଶ୍ଚିମ ଦିଲ୍ଲୀର ବିଜେପି ସାଂସଦ ଯୋଗେନ୍ଦ୍ର ଚାନ୍ଦୋଲିଆ କହିଛନ୍ତି ଯେ ଏହି ଘଟଣା ପାଇଁ ଦିଲ୍ଲୀ ସରକାର ଦାୟୀ। ସେମାନେ ଦିଲ୍ଲୀ

ସରକାର ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନକୁ ଭଙ୍ଗ କରିବାକୁ ଦାବି କରିଛନ୍ତି ।

ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା ଅଭିଯୋଗ କରିଛନ୍ତି ଯେ ଦିଲ୍ଲୀ ସରକାରଙ୍କ ଅବହେଳା ଯୋଗୁଁ ସହରର ଛାତ୍ରଛାତ୍ରୀମାନେ ପ୍ରାଣ ହରାଉଛନ୍ତି। ଯଦି ଅଧିକାରୀମାନେ ତାଙ୍କ ନିର୍ଦ୍ଦେଶ ପାଳନ କରୁନାହାଁନ୍ତି ତେବେ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀମାନେ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି। ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷ ଦେବେନ୍ଦ୍ର ଯାଦବ ମଧ୍ୟ ଏହି ଘଟଣାକୁ ନେଇ ଦିଲ୍ଲୀ ସରକାରଙ୍କୁ ସମାଲୋଚନା କରିଛନ୍ତି।

ଅନ୍ୟପକ୍ଷରେ ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି, ଯେଉଁ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ଘଟଣା ଘଟିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟପକ୍ଷରେ ନିୟମ ଉଲ୍ଲଂଘନ ଅଭିଯୋଗରେ ଦିଲ୍ଲୀ ମହାନଗର ନିଗମ ପୁରୁଣା ରାଜେନ୍ଦ୍ର ନଗର ଓ ମୁଖାର୍ଜୀ ନଗରର କେତେକ କୋଚିଂ ଅନୁଷ୍ଠାନକୁ ସିଲ୍ କରିଛି।

## ପ୍ରତିରକ୍ଷା-ଏନ୍ଏସ୍ଇ ଚୁକ୍ତି

ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ମଧ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଏମ୍.ଏସ୍.ଏମ୍.ଇ. ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରତିରକ୍ଷା ସଚିବ ଗିରିଧର ଅରମଣେଙ୍କ ଉପସ୍ଥିତିରେ

ପ୍ରତିରକ୍ଷା ଉତ୍ପାଦନ ବିଭାଗର ଅତିରିକ୍ତ ସଚିବ ଏବଂ ଏନ୍.ଏସ୍.ଇ.ର ପରିଚାଳନା ନିର୍ଦ୍ଦେଶକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ପ୍ରତିରକ୍ଷା କ୍ଷେତ୍ରରେ ଏମ୍.ଏସ୍.ଏମ୍.ଇ.ଗୁଡ଼ିକୁ ଏନଏସଇ ପ୍ଲାଟଫର୍ମ ମାଧ୍ୟମରେ ଉତ୍ପାଦନଶୀଳ ପୁଞ୍ଜି ସଂଗ୍ରହ କରିବାରେ ସହାୟକ କରିବା ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ । ଏହି ପ୍ଲାଟଫର୍ମ ବିଭିନ୍ନ ପ୍ରକାର ନିବେଶକଙ୍କଠାରୁ ପୁଞ୍ଜି ସଂଗ୍ରହ ପାଇଁ ଅଭିନବ ଏବଂ ବ୍ୟବହାରିକ ବିକଳ୍ପ ପ୍ରଦାନ କରିବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ବୁଝାମଣାପତ୍ର ୫ ବର୍ଷ ପାଇଁ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ଉଭୟ ବିଭାଗ ଏନ୍.ଏସ୍.ଇ. ଇମର୍ଜ ପ୍ଲାଟଫର୍ମରେ ପାଣ୍ଠି ସଂଗ୍ରହ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ସହିତ ଏକ ବ୍ୟାପକ ସଚେତନତା ଅଭିଯାନ ଚଳାଇବେ ।

## ପାରା ସୁଇମର

ଇଂରାଜୀ ଚ୍ୟାନେଲରେ ଏକାକୀ ପହଁରିବାରେ ଜିଆ ରାୟ ବିଶ୍ୱର ସର୍ବକନିଷ୍ଠ ଏବଂ ଦ୍ରୁତତମ ମହିଳା ପାରା ସୁଇମର ହୋଇଛନ୍ତି । ୧୬ ବର୍ଷୀୟ ଭିନ୍ନକ୍ଷମ ଜିଆ ଜୁଲାଇ ୨୮ରୁ ୨୯ ତାରିଖ ମଧ୍ୟରେ ଇଂଲଣ୍ଡର ଆବଟସ୍ କ୍ଲିଫ୍ ଠାରୁ ଫ୍ରାନ୍ସର ପଏଣ୍ଟ ଡେ ଲା କର୍ଟେ-ଡୁନ୍ ପର୍ଯ୍ୟନ୍ତ ୧୭ ଘଣ୍ଟା ୨୫ ମିନିଟ୍ ରେ ୩୪ କିଲୋମିଟର ଦୂରତା ଅତିକ୍ରମ କରିଥିଲେ।

ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଜିଆ ଜଣେ ଅନ୍ତର୍ଜାତୀୟ ଓପନ୍ ଓ୍ୱାଟର ପାରା ସନ୍ତରଣକାରୀ ଏବଂ ଖୋଲା ପାଣି ସନ୍ତରଣରେ ବିଶ୍ୱ ରେକର୍ଡ କରିଛନ୍ତି ।

## ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪

ପ୍ୟାରିସ୍ ଅଲିମ୍ପିକ୍ସରେ ୧୦ ମିଟର ଏୟାର ପିସ୍ତଲ ଦଳଗତ ଟିମ୍ ଇଭେଣ୍ଟର ବ୍ରୋଞ୍ଜ ପଦକ ପାଇଁ ମନୁ ଭାକର ଓ  ସରବଜୋତ ସିଂହ ଆଜି ଦକ୍ଷିଣ କୋରିଆ ସହ ପ୍ରତିଦ୍ୱନ୍ଦ୍ୱୀତା କରିବେ । ଭାରତୀୟ ସମୟ ଅପରାହ୍ନ ଗୋଟାଏରେ ଲି ଓ୍ୱାନ-ହୋ ଏବଂ ଓହ ୟେ-ଜିନଙ୍କ ବିପକ୍ଷରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଏହା ପୂର୍ବରୁ ମନୁ ଭାକର ପ୍ରଥମ ଭାରତୀୟ ମହିଳା ସୁଟର ଭାବେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲେ ।

ଅପରାହ୍ନ ସାଢ଼େ ୧୨ଟାରୁ ଆରମ୍ଭ ହେବାକୁ ଥିବା ପୁରୁଷ ଟ୍ରାପ୍ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ଦିନରେ ଟ୍ରାପ୍ ସୁଟର ପୃଥ୍ୱୀରାଜ ଟଣ୍ଡନ୍ ପ୍ରତିଦ୍ୱନ୍ଦ୍ୱୀତା କରିବେ । ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାସ୍ୱର୍ଣ୍ଣ ପଦକ ବିଜେତା ଶ୍ରେୟସୀ ସିଂହ ଏବଂ ଟ୍ରାପ୍‌ରେ କୋଟା ହାସଲ କରିଥିବା ରାଜେଶ୍ୱରୀ ସିଂହ ଗୋଟିଏ ସମୟରେ ନିଜର ଦୁଇ ଦିନିଆ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ କରିବେ ।

ଅପରାହ୍ଣ ୨ଟା ୧୦ମିନିଟ୍‌ରେ କ୍ୱାର୍ଟର ଫାଇନାଲରେ ପୁରୁଷ ସିଙ୍ଗଲ୍ସ ରୋଇଂରେ ବଲରାଜ ପନୱାର ସେମିଫାଇନାଲ ଖେଳିବେ ।

ଭାରତୀୟ ପୁରୁଷ ହକି ଦଳ ୨୦୧୬ ଅଲିମ୍ପିକ୍ସ ବିଜେତା ଆର୍ଜେଣ୍ଟିନା ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର କରିବା ପରେ ଆଜି ଅପରାହ୍ଣ ୪ଟା ୪୫ମିନିଟରେ ପୁଲ-ବି ମ୍ୟାଚ୍‌ରେ ଆୟର୍ଲାଣ୍ଡ ସହ ମୁକାବିଲା କରିବେ । କ୍ୱାର୍ଟର ଫାଇନାଲ୍ ଆଶା ବଜାୟ ରଖିବାକୁ ହେଲେ ନିମ୍ନ ସ୍ଥାନରେ ଥିବା ଦଳ ବିପକ୍ଷରେ ଭାରତ ପାଇଁ ବିଜୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ତୀରଚାଳନାରେ ଭାରତୀୟ ପୁରୁଷ ଓ ମହିଳା ଦଳ ଖରାପ ପ୍ରଦର୍ଶନ ପରେ ବ୍ୟକ୍ତିଗତ ଇଭେଣ୍ଟରେ ବିଜୟ ହାସଲ ଲାଗି ଚେଷ୍ଟା କରିବେ। ଆଜି ଅପରାହ୍ଣ ୫ଟା ୧୪ରୁ ଆରମ୍ଭ ହେବାକୁ ଥିବା ବ୍ୟକ୍ତିଗତ ଇଭେଣ୍ଟର ପ୍ରଥମ ରାଉଣ୍ଡରେ ସମସ୍ତ ୬ ଜଣ ତୀରନ୍ଦାଜ ଖେଳାଳି ଭାଗ ନେବେ।

## ବାଂଲାଦେଶ

ବାଂଲାଦେଶ ସରକାର ଆଜି ସଂରକ୍ଷଣ ଆନ୍ଦୋଳନ ସମୟରେ ଦେଶବ୍ୟାପୀ ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ମୃତ୍ୟୁକୁ ନେଇ ଦିନିକିଆ ରାଷ୍ଟ୍ରୀୟ ଶୋକ ପାଳନ କରୁଛି। ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ

କରାଯାଇଥିଲା । କ୍ୟାବିନେଟ୍ ସଚିବ ମହମ୍ମଦ ମେହେବୁବ୍ ହୁସେନ କହିଛନ୍ତି ଯେ ସଚିବାଳୟରେ ସମସ୍ତ ଲୋକ କଳା ବ୍ୟାଜ୍ ପିନ୍ଧିବେ ଏବଂ ମସଜିଦ ଏବଂ ମନ୍ଦିରରେ ପ୍ରାର୍ଥନା କରାଯିବ ।

ସେଠାକାର ଗୃହ ମନ୍ତ୍ରୀ ଆଜାଦ ଦୁଜମାନ୍ ଖାନ୍ କହିଛନ୍ତି ଯେ ସଂରକ୍ଷଣ ଆନ୍ଦୋଳନ ସମୟରେ ହୋଇଥିବା ହିଂସାକାଣ୍ଡରେ ମୋଟ୍ ୧୫୦ ଜଣଙ୍କ ମୃତ୍ୟୁ ଘଟିଛି ।

ଅନ୍ୟପକ୍ଷରେ ବାଂଲାଦେଶର ଶିକ୍ଷାମନ୍ତ୍ରୀ ମହିବୁଲ ହାସନ ଚୌଧୁରୀ କହିଛନ୍ତି ଯେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲିବା ନେଇ ସରକାର ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି । ସଂରକ୍ଷଣ ଆନ୍ଦୋଳନ ଯୋଗୁଁ ହିଂସା କାଣ୍ଡ ପରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହିଛି ।

## ଭୁପେନ୍ଦ୍ର ଆଇଡିଆ ଫର୍ ଲାଇଫ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଆଇଆଇଟି, ଦିଲ୍ଲୀରେ ଆଇଡିଆଜ୍ ଫର୍ ଲାଇଫ୍ର ଶୁଭାରମ୍ଭ କରିଛନ୍ତି ଯାହା ପରିବେଶ ଅନୁକୂଳ ଜୀବନଶୈଳୀ ସହିତ ଜଡିତ ଆଚରଣଗତ ପରିବର୍ତ୍ତନକୁ ପ୍ରେରଣା ଦେଉଥିବା ଉତ୍ପାଦ ଏବଂ ସେବା ସମ୍ବନ୍ଧୀୟ ଅନଲାଇନ୍ ଚିନ୍ତାଧାରା ଏବଂ ଉଦ୍ଭାବନକୁ ଆମନ୍ତ୍ରଣ କରିବ । ଏହି ଅବସରରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଓ ଉଦ୍ଭାବକମାନଙ୍କୁ

ଅଭିନବ ଓ ପଥପ୍ରଦର୍ଶକ ଚିନ୍ତାଧାରା ଆଣିବାକୁ ଆହ୍ୱାନ ଦେଇଛନ୍ତି । ଏହା ସମ୍ବଳର ସତର୍କ ଓ ବିଚାରଶୀଳ ବ୍ୟବହାର ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବ।

## ଭେଞ୍ଜୁଆଲା-ରାଷ୍ଟ୍ରପତି ନିର୍ବାଚନ

ଭେଞ୍ଜୁଆଲାର ରାଷ୍ଟ୍ରୀୟ ନିର୍ବାଚନ ପରିଷଦ ନିକୋଲାସ ମାଦୁରୋଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ଘୋଷଣା କରିଛି । ମାଦୁରୋ ତୃତୀୟ ଥର ପାଇଁ ଭେଞ୍ଜୁଆଲାର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୮୦ ପ୍ରତିଶତ ମତଦାନ ଗଣନା ପରେ ରାଷ୍ଟ୍ରପତି ମାଦୁରୋ ୫୧ ପ୍ରତିଶତ ଭୋଟ୍ ପାଇଛନ୍ତି ବୋଲି ନିର୍ବାଚନ ପରିଷଦର ମୁଖ୍ୟ ଏଲଭିସ୍ ଆମୋରୋସୋ କହିଛନ୍ତି। ମାଦୁରୋଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ୪୪ ପ୍ରତିଶତ ଭୋଟ୍ ପାଇଛନ୍ତି।

ଅନ୍ୟପକ୍ଷରେ ନିର୍ବାଚନ ପରିଷଦର ଏହି ଘୋଷଣାକୁ ଜାଲିଆତି ବୋଲି କହିବା ସହ ନିର୍ବାଚନ ଫଳାଫଳକୁ ନେଇ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ବିରୋଧୀ କହିଛନ୍ତି ।

# ଅମରନାଥ ଯାତ୍ରା-ଜାମ୍ମୁ

ଅମରନାଥ ଗୁମ୍ଫାକୁ ତୀର୍ଥଯାତ୍ରା କରିବା ପାଇଁ ଜମ୍ମୁର ଭଗବତୀ ନଗରଯାତ୍ରୀ ନିବାସ ମୂଳ କ୍ୟାମ୍ପରେ ୧ହଜାର ୪୭୭ ତୀର୍ଥଯାତ୍ରୀଙ୍କ ଆଉ ଏକ ଦଳ କାଶ୍ମୀର ଉପତ୍ୟକା ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ସକାଳେ ତୀର୍ଥଯାତ୍ରୀମାନେ ୫୨ଟି ଦଳରେ ମୂଳ କ୍ୟାମ୍ପରୁ ବାହାରିଥିଲେ। ଏହି ଦଳରେ ୧ହାର ୧୪୨ ଜଣ ପୁରୁଷ, ୨୫୪ ଜଣ ମହିଳା, ୩ ଜଣ ଶିଶୁ, ୬୬ ଜଣ ସାଧୁ ଓ ୧୨ ଜଣ ସାଧ୍ୱୀ ରହିଛନ୍ତି।

# ଭାରତ-ଶ୍ରୀଲଙ୍କା ତୃତୀୟ ଟି-୨୦

ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାରେ ଅଗ୍ରଣୀ ହାସଲ କରିଥିବା ଟିମ୍ ଇଣ୍ଡିଆ ଆଜି ସନ୍ଧ୍ୟା ୭ଟାରେ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚଳାଇଛି। ଶ୍ରୀଲଙ୍କାର ପାଲ୍ଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ।

ଦ୍ୱିତୀୟ ଟି-୨୦ରେ ଭାରତୀୟ ଦଳ ବିଜୟ ହାସଲ କରି ନୂଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ସିରିଜ୍ ଜିତିନେଇଛି। ସିରିଜ୍ ହାତରେ ଥିବାରୁ ଭାରତ ଏବେ ଫାଇନାଲ୍ ମ୍ୟାଚ୍ ଜିତି ୩-୦ରେ କ୍ଲିନ୍ ସ୍ୱିପ୍ କରିବାକୁ ଲକ୍ଷ୍ୟ ରଖିଛି।